RNI No.ODIODI/2010/33031
୧୭ ବର୍ଷ Volume-17
ISSUE -53 ସଂଖ୍ୟା-୫୩
ଭୁବନେଶ୍ୱର, ମଙ୍ଗଳବାର ୦୫ ମଇ ୨୦୨୬
Bhubaneswar, Tuesday 05 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

୩ ରାଜ୍ୟରେ ବଦଳିଲା ସରକାର

କେରଳରେ ବିଜୟନଙ୍କ ସରକାର ଭାଙ୍ଗିଲା, କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌ର କ୍ଲିନସ୍ୱିପ୍

ତାମିଲନାଡୁରେ ଅଭିନେତା ବିଜୟଙ୍କ ଟିଭିକେ ବଡ଼ ଦଳ, ଡିଏମ୍‌କେକୁ ବଡ଼ ଝଟ୍‌କା

ବେଙ୍ଗଲରେ ପ୍ରଥମ ଥର ଉଡ଼ିଲା ଗେରୁଆ, ଦିଦିଙ୍କୁ ବଡ଼ ପରାଜୟ

ଆସାମରେ ବିଜେପିର ହ୍ୟାଟ୍ରିକ୍, ପୁଡୁଚେରୀରେ ବିଜେପି ମେ□କୁ ସଫଳତା

ନୂଆଦିଲ୍ଲୀ : ପଶ୍ଚିମବଙ୍ଗ, ଆସାମ, କେରଳ, ତାମିଲନାଡୁ ଓ କେନ୍ଦ୍ର ଶାସିତ ରାଜ୍ୟ ପୁଡୁଚେରୀରେ ଆଜି ନିର୍ବାଚନ ଫଳାଫଳ ସାମନାକୁ ଆସିଛି । ଏକଜିଟ୍ ପୋଲ ଅନୁଯାୟୀ ଫଳାଫଳ ହୋଇଛି । କେରଳରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ପିନାଇୟ ବିଜୟନଙ୍କ ସିପିଆଇ (ଏମ)କୁ ଗାଦିଚ୍ୟୁତ କରିଛି । ସେହିପରି କେରଳରେ ଡିଏମ୍‌କେକୁ ହଟାଇ ଅଭିନେତା ବିଜୟଙ୍କ ଟିଭିକେ ସର୍ବବୃହତ୍ ଦଳ ଭାବେ ବିବେଚିତ ହୋଇଛି । ପୂର୍ଣ୍ଣ ସଂଖ୍ୟା ଗରିଷ୍ଠକୁ ଆଉ ମାତ୍ର ୮ଟି ସିଟ୍ କମ୍ ରହୁଥିବା ବିକଳ୍ପ ଦଳକୁ ନେଇ ସରକାର ଗଢ଼ିବେ ବିଜୟ । ସେହିପରି ଆସାମରେ ହିମନ୍ତ ବିଶ୍ୱଶର୍ମା ନେତୃତ୍ୱରେ ବିଜେପି କ୍ରମାଗତ ତୃତୀୟ ଶାସନ କ୍ଷମତା ହାସଲ କରିଥିବାବେଳେ ପୁଡୁଚେରୀରେ ବିଜେପି ମେ□ ସରକାର ଗଠନ କରିବ । ତେବେ ସବୁଠୁ ରୋଚକ କଥା ଯେ, ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ବିଜେପି ଶାସନ କରିବ । କାରଣ ବିଜେପି ସମସ୍ତ କଳ ବଳ କୌଶଳ ପଶ୍ଚିମବଙ୍ଗରେ ହିଁ ଲଗାଇ ଦେଇଥିଲା ଓ ଶେଷରେ ମିଶନ ସଫଳ ହୋଇଛି । ବିଜେପି ୨୦୦ରୁ ଅଧିକ ସିଟ୍‌ଜିତିମାଜିକ କରିଛି । ଅନ୍ୟପକ୍ଷରେ ମମତା ବାନାର୍ଜୀଙ୍କୁ ଶକ୍ତ ଝଟ୍‌କା ଲାଗିଛି ।

୫ଟି ରାଜ୍ୟର ବିଧାନସଭା ନିର୍ବାଚନ ଦେଶର ରାଜନୈତିକ ମାନଚିତ୍ରରେ ଅନେକ ପରିବର୍ତ୍ତନ ଆଣିଛି । ଗୋଟିଏ ପଟେ ନୂଆ ରେକର୍ଡ ସୃଷ୍ଟି ହୋଇଥିବା ବେଳେ ଅନ୍ୟପଟେ ସମ୍ପୂର୍ଣ୍ଣ ଚିତ୍ର ବଦଳି ଯାଇଛି । ଏହାର ପ୍ରଭାବ ଆଗାମୀ ଦିନରେ ରାଜ୍ୟସଭାରେ ଦେଖିବାକୁ ମିଳିବ । ରାଜ୍ୟ ଶାସନରେ ମଧ୍ୟ ଗେରୁଆ ଦଳର ପ୍ରତିନିଧିତ୍ୱ ବଢ଼ିବାରେ ଲାଗିଛି । ଏହି ନିର୍ବାଚନରେ କେରଳ, ବଙ୍ଗଳା, ତାମିଲନାଡୁ ଏବଂ ଆସାମରେ ରେକର୍ଡ ବର୍ଷା ହୋଇଛି । ସବୁଠାରୁ ବଡ଼କଥା ହେଉଛି, ବିଜେପି ପ୍ରଥମ ଥର ପାଇଁ ବଙ୍ଗଳାରେ ସରକାର ଗଠନ କରିବାକୁ ଯାଉଛି, ଯାହା ଦଳ ପାଇଁ ଏକ ସ୍ୱପ୍ନ ସାକାର ହେବା ସଦୃଶ ।

ବଙ୍ଗଳା ହେଉଛି ଜନସଂଘ ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମସ୍ଥାନ । କେବଳ ସେତିକି ନୁହେଁ, ଆରଏସଏସ୍ ବିଚାରଧାରାର ପ୍ରମୁଖ ସ୍ଥାନ ସ୍ୱାମୀ ବିବେକାନନ୍ଦ ମଧ୍ୟ ଏହି ମାଟିର । ତେଣୁ ଏଠାରେ ବିଜେପିର ବିଜୟ ଖୁବ୍ ଗୁରୁତ୍ୱ ରଖୁଛି ।ଉତବର୍ଷ ନଭେମ୍ବରରେ ଏନ୍‌ଡିଏର ବିହାର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ, ଗଙ୍ଗା ନଦୀ ବିହାର ଦେଇ ବଙ୍ଗଳାକୁ ପ୍ରବାହିତ ହେଉଛି । ଏହା ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଲକ୍ଷ୍ୟ କରି କୁହାଯାଇଥିଲା, ଯାହା ମମତା ବାନାର୍ଜୀଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲା । ପାଞ୍ଚ ମାସ ପରେ ବିଜେପି ଦୀର୍ଘଦିନ ଧରି ଟାର୍ଗେଟ୍ କରି ଆସୁଥିବା ପୂର୍ବ ରାଜ୍ୟକୁ ଦଖଲ କରିଥିଲା । ଦଳ ୨୦୦ ଆସନ ପାଖାପାଖି ଥିବାବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ଦୁଇ ଅଙ୍କରେ ସୀମିତ ରହିଛି । ଏହି ଫଳାଫଳ ବିଜେପି ପାଇଁ ଏକ ଐତିହାସିକ ବିଜୟ ଏବଂ ଟିଏମ୍‌ସିର ୧୫ ବର୍ଷ ଶାସନର ଅନ୍ତ ଘଟାଇଛି ।

ଏକ୍‌ଜିଟ୍ ପୋଲ୍ ବିଜେପି ଜିତିବ ବୋଲି ପୂର୍ବାନୁମାନ କରିଥିଲା । ପାଞ୍ଚଟି ସଂସ୍ଥା ବିଜେପି ୧୪୬ରୁ ୧୯୨ଟି ଭିତରେ ଆସନ ପାଇବ ବୋଲିକହିଥିଲେ । ଅନ୍ୟପକ୍ଷରେ, ଦୁଇଟି ସଂସ୍ଥା ମମତା ବାନାର୍ଜୀଙ୍କ ପ୍ରତ୍ୟାବର୍ତ୍ତନର ପୂର୍ବାନୁମାନ କରିଥିଲେ । ଟିଏମ୍‌ସି ୨୨୦ରୁ ଅଧିକ ଆସନ ଜିତିବ ବୋଲି ବାହୁସ୍ଫାଟ ମାରିଥିଲା । ତେବେ ମମତା ବାନାର୍ଜୀଙ୍କ ଆଶା ଧୂଳିସାତ୍ ହୋଇଯାଇଛି । ତାଙ୍କର ଦମ୍ଭ ଭାଙ୍ଗିଯାଇଛି । କୋଲକାତା ଓ ହାଓ୍ୱଡାର ପ୍ରମୁଖ ସହରାଞ୍ଚଳ ପକେଟ୍ ମଧ୍ୟ ଟିଏମ୍‌ସିକୁ ଝଟକା ଦେଇ ନିର୍ବାଚନକୁ ବିଜେପି ସପକ୍ଷରେ ନେଇଥିବା ଜଣାପଡିଛି । ପ୍ରେସିଡେନ୍ସି ଅଂଚଳରେ ମଧ୍ୟ ବିଜେପିର ଜୁଆର ଉଠିଛି । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ଅନେକ ଭୋଟର ତାଲିକାରୁ କଟିଥିବା ଅଞ୍ଚଳ ମଧ୍ୟରୁ ମାଲଦା ଅନ୍ୟତମ, ଯେଉଁଠି ଟିଏମ୍‌ସି ଜିତିବାକୁ ଯାଉଛି । ଦକ୍ଷିଣ କୋଲକତାରେ ମମତା ବାନାର୍ଜୀଙ୍କ ଗଡ଼ ଭବାନୀପୁରରେ ମୁଖ୍ୟମନ୍ତ୍ରୀ ୧୭,୦୦୦ରୁ ଅଧିକ ଭୋଟ୍ ପାଇ ଆଗୁଆ ଅଛନ୍ତି । ବଙ୍ଗଳା ଲଢେଇ ଉପରେ ମନ୍ତବ୍ୟ ଦେଇ ବିଜେପିର ରାଜ୍ୟ ସଭାପତି ଶମିକ ଭଟ୍ଟାଚାର୍ଯ୍ୟ ରବିବାର କହିଛନ୍ତି ଯେ, ଚଳିତ ବର୍ଷ ପ୍ରତ୍ୟାଖ୍ୟାନର ନିର୍ବାଚନ ହୋଇଛି । ସେ କହିଛନ୍ତି, ଶିକ୍ଷକ ନିଯୁକ୍ତି ଦୁର୍ନୀତିଠାରୁ ଆରମ୍ଭ କରି ବେକାରୀ ପର୍ଯ୍ୟନ୍ତ ସମସ୍ତ କାରଣ ତୃଣମୂଳ କଂଗ୍ରେସର ଦୁର୍ଗତିରେ ସହାୟକ ହେଉଛି । ମମତା ବାନାର୍ଜୀଙ୍କ ମୁସଲମାନ ତୁଷ୍ଟୀକରଣ ରାଜନୀତି କାଳ ହେଲା । ବିଜେପି ଦାବି କରିଛି ଯେ ଏହା ବଙ୍ଗଳାର ହିନ୍ଦୁମାନଙ୍କୁ କ୍ଷତି ପହଞ୍ଚାଇଛି । ସାଂସ୍କୃତିକ ଭାବନା ଜାଗ୍ରତ କରିବା ପାଇଁ ତୃଣମୂଳ କଂଗ୍ରେସ 'ବଙ୍ଗାଳୀ ପରିଚୟ' ଏବଂ 'ବାଂଲା ନିଜେର ମେୟେକେ ଚାୟ' (ବଙ୍ଗଳା ନିଜର ଝିଅକୁଗୁଡୁଛି)' ଉପରେ ଧ୍ୟାନ ଦେଇଥିଲା । ବିଜେପିଜିତିଲେ ମାଛ ସମେତ ଅମିଷ ଖାଦ୍ୟ ଉପରେ ପ୍ରତିବନ୍ଧକ ଲଗାଯିବ ବୋଲି ମମତା କହିଥିଲେ । ଏହି କାହାଣୀକୁ ଦମନ କରିବା ପାଇଁ, ଗେରୁଆ ଦଳ ସେମାନଙ୍କ ନେତାମାନଙ୍କୁ ବାଙ୍ଗଳାକୁ ପଠାଇଥିଲା । ଆଗରେ ମାଛ ଖାଇବା ପାଇଁ ବଙ୍ଗାଳକୁ ପଠାଇଥିଲା । କିନ୍ତୁ ବଙ୍ଗାଳାର ଲୋକମାନେ ପରିବର୍ତ୍ତନ ଚାହୁଁଥିଲେ ।

ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ୍‌ରେ ଯାହା କୁହାଯାଇଥିଲା, କେରଳମରେ ତାହା ହୋଇଛି । ବାମ ମେଣ୍ଟ ପରାସ୍ତ ହୋଇଛିଓ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ 'ୟୁଡିଏଫ୍'ର ବିଜୟ ହୋଇଛି । ଗତି ଜାରି ରହିଥିବା ବେଳେ ଏଠାରେ ସରକାର ଗଠନ କରିବା ପାଇଁ ମ୍ୟାଜିକ୍ ନମ୍ବର ଅତିକ୍ରମ କରିଛି 'ୟୁଡିଏଫ୍' । ୧୪୦ ଆସନ ବିଶିଷ୍ଟ କେରଳମ ବିଧାନସଭାରେ ସରକାର ଗଠନ କରିବା ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୭୧ । ବର୍ତ୍ତମାନ ସୁଦ୍ଧା ୟୁଡିଏଫ ୯୯ଟି ଆସନ ଜିତି ସାରିଥିବା ବେଳେ 'ତା' ମଧ୍ୟରେ କଂଗ୍ରେସର ୬୫ଟି ଆସନ ଥିବା ବେଳେ ଆଇୟୁଏମ୍‌ଏଲର ୧୦, କେସିର ୬, ଆରଏସ୍‌ପିର ୩, କେସି (ଜେ)ର ଗୋଟିଏ, ଆଇଏନ୍‌ଡିର ଗୋଟିଏ ଓ ଆରଏମ୍‌ପିଆଇର ଗୋଟିଏ ଆସନ ରହିଛି। ଅନ୍ୟପକ୍ଷରେ ୟୁଡିଏଫ ୨୪ଟି ଆସନରେ ଆଗରେ ରହିଛି ।

ଆସାମରେ ହ୍ୟାଟ୍ରିକ୍ ବିଜୟ ହାସଲ କରିଛି ବିଜେପି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଉପରେ ପୁଣି ଆସ୍ଥା ଦେଖାଇଛନ୍ତି ଆସାମବାସୀ । ବିଜେପି ନେତୃତ୍ୱାଧୀନ ଏନଡିଏ କେବଳ ଏଠାରେ ବିଜୟ ହୋଇନାହିଁ, ବରଂ ନିଜର ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଛି । ଆସାମର ୧୨୬ ବିଧାନସଭା ଆସନରୁ ବିଜେପି ନେତୃତ୍ୱାଧୀନ ଏନଡି ୧୦୧ଟି ଆସନ ଜିତିବାକୁ ଯାଉଛି । ବର୍ତ୍ତମାନ ସୁଦ୍ଧା ଏହି ମେଣ୍ଟ ୭୧ଟି ଆସନ ଜିତି ସାରିଥିବା ବେଳେ ଆଉ ୩୦ଟି ଆସନରେ ଲିଡ୍ କରୁଛି ।ଆଉ ମାତ୍ର କିଛି ରାଉଣ୍ଡ ଭୋଟ ଗଣତି ବାକି ରହିଥିବାରୁ ବିଜେପି ଓ ସହଯୋଗୀ ଦଳଗୁଡିକ ଏଠାରେ ଜିତିବା ଏକପ୍ରକାରର ସ୍ପଷ୍ଟ ହୋଇଛି । ଏଠାରେ ସରକାର ଗଠନ କରିବା ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ହେଉଛି ୬୪ । ଏହାକୁ ବିଜେପି ବେଶ ସହଜରେ ହାସଲ କରିନେଇଛି । ୨୦୨୧ ଆସାମ ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ୮୦ଟି ଆସନ ଜିତିଥିଲା । ସେହିପରି କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ୨୩ଟି ଓ ଅଣ କଂଗ୍ରେସ ଏବଂ ଅଣ ବିଜେପି ମେଣ୍ଟ ବାକି ୨୩ଟି ଆସନ ଦଖଲ କରିଥିଲେ । ୨୦୨୬ରେ କଂଗ୍ରେସ ୨୧କୁ ଖସି ଯାଇଛି । ଅନ୍ୟାନ୍ୟ ଦଳ ୪ଟି ଆସନ ପାଇଛନ୍ତି । ବିଜେପି ଏକାକୀ ୮୨ଟି ଆସନ ଜିତିବାକୁ ଯାଉଥିବା ବେଳେ ସହଯୋଗୀ ବିପିଏଫ ୧୦ଟି ଓ ଏଜିପି ୯ଟି ଆସନ ଜିତିବାକୁ ଯାଉଛି । ବିଜେପି ୯୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଦଳର ୮୨ ଜଣ ଜିତିବା ମଧ୍ୟ ଗୋଟିଏ ରେକର୍ଡ ।

ଆସାମ (୧୨୬)
ବିଜେପି - ୮୨ କଂଗ୍ରେସ - ୧୯
ବିଓପିଏଫ୍- ୧୦ ଏଜିପି - ୧୦
ଏଆଇୟୁଡିଏଫ୍-୧

କେରଳ (୧୪୦)
କଂଗ୍ରେସ -୬୩ ସିପିଆଇ(ଏମ)-୨୬
ଆଇୟୁଏମଏଲ - ୨୨ ସିପିଆଇ-୮
କେଇସି-୭

ପୁଡୁଚେରୀ (୩୦)
ଏଆଇଏନଆରସି-୧୧ ଡିଏମ୍‌କେ-୫
ବିଜେପି-୪ ଟିଭିକେ-୩ ଆଇଏନଡି-୩

ପଶ୍ଚିମବଙ୍ଗ (୨୯୪)
ବିଜେପି-୨୦୩ ଏଆଇଟିସି-୮୪
କଂଗ୍ରେସ - ୧ ଏଜେୟୁପି-୨ ସିପିଆଇ(ଏମ)-୧

ତାମିଲନାଡୁ (୨୩୪)
ଟିଭିକେ-୧୦୯ ଡିଏମ୍‌କେ-୬୨
ଏଡିଏମ୍‌କେ+ - ୫୪ ବିଜେପି-୧

ହାଇୱାକୁ ପଛରୁ ପିଟିଲା ବୋଲେରୋ, ୫ ମୃତ

ଯାଜପୁର,୪।୫(ନି.ପ୍ର.): ଯାଜପୁର ଜିଲ୍ଲା ଜେନାପୁରରେ ଏକ ଭୀଷଣ ସଡ଼କ ଦୁର୍ଘଟଣା ହୋଇଛି । ଏକ ହାଇୱାକୁ ବୋଲେରୋ ଗାଡ଼ି ପଛରୁ ଧକ୍କା ଦେବା ଫଳରେ ୫ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୪ ଜଣ ମହିଳା ଏବଂ ଜଣେ ପୁରୁଷ ଅଛନ୍ତି । ଅନ୍ୟ ୮ ଜଣ ଗୁରୁତର ଆହତଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ପ୍ରାଥମିକ ସୂଚନା ମୁତାବକ, ଜେନାପୁର ଥାନା ବଡ଼ଚଣା ଅନ୍ତର୍ଗତ ପୁରୁଷୋତ୍ତମପୁରର ସଞ୍ଜୟନଗର, ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମର ଲୋକେ କେନ୍ଦୁଝରକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ । ବିବାହରେ ଯୋଗ ଦେଇ ସକାଳୁ ସକାଳୁ ଏକ ବୋଲେରୋ ଗାଡ଼ିରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ବୋଲେରୋଟି ଜେନାପୁର ଥାନା ବରଡ଼ା ବେହେରା ଟାଙ୍କୀ ଛକ ନିକଟରେ ଏକ ହାଇୱାକୁ ପଛରୁ ପିଟିଥିଲା । ଫଳରେ ଡ୍ରାଇଭର ସମେତ ପ୍ରାୟ ୧୩-୧୪ ଜଣ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ୫ ଜଣଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ମଧ୍ୟରେ ୩ ଜଣ ମହିଳା, ଜଣେ ଯୁବତୀ ଏବଂ ଜଣେ ପୁରୁଷ ଯାତ୍ରୀ ଅଛନ୍ତି । ମୃତକ ମାନେ ହେଲେ ଜୀବନ ପୂର୍ତ୍ତିଙ୍କ ପୁଅ କାନ୍ଦ ପୂର୍ତ୍ତି, ବୋହୂ ଗୀତା ପୂର୍ତ୍ତି, ସର୍ବେଶ୍ୱର ନାୟକଙ୍କ ପତ୍ନୀ ନମିତା ନାୟକ, ରତ୍ନାକର ମୁଣ୍ଡାଙ୍କ ପତ୍ନୀ ବଲ୍ଲା ମୁଣ୍ଡା ଏବଂ ଝିଅ ମାଳତୀ ମୁଣ୍ଡା । ସେହିପରି ୮ ଗୁରୁତର ଆହତଙ୍କ ମଧ୍ୟରୁ କିଛି ଜଣଙ୍କୁ କଟକ ଏସସିବି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ତେବେ ଘଟଣା ସ୍ଥଳରେ ପୋଲିସ ପହଁଚି ଦୁଇଟି ଗାଡ଼ିକୁ ଜବତ କରିଛି । କିଭଳି କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା ତାହାର ଯାଞ୍ଚ ଚାଲିଛି ।

ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ, ସହାୟତା ରାଶି ଘୋଷଣା

ଯାଜପୁରରେ ହୋଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହା ସହିତ ୫ ଜଣ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ଏହା ସହିତ ପ୍ରତି ଆହତଙ୍କୁ ଉତ୍ତମ ଚିକିତ୍ସା ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଦିଘାରେ ଧାମ କରି ନାମ ନେଲେ ମମତା

କୋଲକାତା,୪।୫(ନି.ପ୍ର.): ପଶ୍ଚିମବଙ୍ଗ ରାଜନୀତିରେ ଏବେ ଭୂକମ୍ପ ସଦୃଶ ପରିସ୍ଥିତି । ଦୀର୍ଘବର୍ଷ ଧରି ଅଦମ୍ୟ ଥିବା ଦିଦିଙ୍କ ଗାଦି ଭୁଶୁଡିପଡିଛି । ଏହି ପରିସ୍ଥିତିରେ ଦିଘା ଜଗନ୍ନାଥ ଧାମକୁ ନେଇ ହୋଇଥିବା ବିବାଦ ପୁଣିଥରେ ଚର୍ଚ୍ଚା ସାଉଁଟିଛି । ମନ୍ଦିର ପ୍ରତିଷ୍ଠାରୁ ଆରମ୍ଭ କରି ନାମକରଣ ଓ ବିଗ୍ରହ ପ୍ରତିଷ୍ଠା ପର୍ଯ୍ୟନ୍ତ ନେଇ ଯେଉଁ ବିବାଦ ଉଠିଥିଲା, ସେଥିର ପ୍ରଭାବ ଏଥର ଭୋଟରେ ପଡ଼ିଥିବା କୁହାଯାଉଛି । ବିରୋଧୀମାନେ ଏହାକୁ ମୁଦ୍ଦା କରି ଦିଦିଙ୍କୁ ଘେରିଥିଲେ, ଯାହା

ଜନମତରେ ପ୍ରଭାବ ପକାଇଛି ବୋଲି ଆଲୋଚନା ।

ଏପଟେ, ପରିସ୍ଥିତି ଗମ୍ଭୀର ଦେଖି ମମତା ବାନାର୍ଜୀ ସୋଶାଲ ମିଡିଆରେ ଭିଡିଓ ଜାରି କରି ନିଜ କର୍ମୀ ଓ ପ୍ରାର୍ଥୀଙ୍କୁ ଗଣତି କେନ୍ଦ୍ର ଛାଡ଼ିବାକୁ ମନା କରିଛନ୍ତି । ସେ ଗଣତି ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ କିଛି ସ୍ଥାନରେ ଗଣତି ରାଉଣ୍ଡ ପରେ ବନ୍ଦ ହୋଇଯାଇଛି ଓ ବିଜେପି ନିଜର ଫଳାଫଳ ପ୍ରଥମେ ଦେଖାଇବାକୁ ଚେଷ୍ଟା କରୁଛି ।

ଏହି ରୋମାଞ୍ଚକର ପରିସ୍ଥିତି ମଧ୍ୟରେ ସମସ୍ତଙ୍କ ନଜର ଏବେ ଅନ୍ତିମ ଫଳାଫଳ ଉପରେ ରହିଛି । ଯଦି ଏହି ଟ୍ରେଣ୍ଡ ଜାରି ରହେ, ତେବେ ପଶ୍ଚିମବଙ୍ଗରେ ଦୀର୍ଘଦିନର ଶାସନର ଅଂଟା ଘଟିବା ସହ ନୂତନ ରାଜନୀତିକ ଅଧ୍ୟାୟ ଆରମ୍ଭ ହେବ ଯେଉଁଠାରେ "ଦିଦି"ର ଯୁଗକୁ ଶେଷ କରି ବିଜେପି ବିଜୟ ବାନା ଉଡ଼ାଇବ ।

ଏନ୍‌ଡିଏ ଶାସିତ ରାଜ୍ୟ ୨୧କୁ ବୃଦ୍ଧି

ନୂଆଦିଲ୍ଲୀ: ପଶ୍ଚିମବଙ୍ଗରେ ଦୀର୍ଘ ୧୫ ବର୍ଷର ଟିଏମ୍‌ସି ଶାସନ ପରେ ବିଜେପି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସଠାରୁ ବଙ୍ଗଳା ଛଡାଇ ନେଇଛି । ପଶ୍ଚିମବଙ୍ଗ ବିଜୟ ସହ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ନେତୃତ୍ୱ ୨୧ଟି ରାଜ୍ୟକୁ ବୃଦ୍ଧି ପାଇଛି । ଏହାର ଅର୍ଥ ଏନ୍‌ଡିଏ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକର ସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ଅନ୍ୟପକ୍ଷେ କେନ୍ଦ୍ରରେ ପ୍ରମୁଖ ବିରୋଧୀ ମେଣ୍ଟ ତଥା ଇଣ୍ଡି ମେଣ୍ଟ ତାମିଲନାଡୁରେ ପରାଜି ହୋଇଥିଲେ ସୁଦ୍ଧା କେରଳରେ ଜିତିବା ପରେ ଦେଶର ଛଅଟି ରାଜ୍ୟରେ ଏହାର ନେତୃତ୍ୱ ବଜାୟ ରଖିଛି । ତେବେ କେରଳରେ ନିର୍ଣ୍ଣାୟକ ପ୍ରଦର୍ଶନ ପରେ ମଧ୍ୟ ନିର୍ବାଚନ ଫଳାଫଳ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଜାରି ରହିଛି । ଉଲ୍ଲେଖଯୋଗ୍ୟ ଯେ ପଶ୍ଚିମବଙ୍ଗ ବିଜୟ ପରେ ବିଜେପି ନିଜେ ସ୍ୱାଧୀନ ଭାବରେ ୧୫ଟି ରାଜ୍ୟରେ ଶାସନ କରିବ, କିନ୍ତୁ ବିହାରରେ ଜେଡିୟୁ, ଆନ୍ଧ୍ର ପ୍ରଦେଶରେ ଟିଡିପି , ନାଗାଲାଣ୍ଡ (ନାଗା ପିପୁଲ୍ସ ଫ୍ରଣ୍ଟ), ମେଘାଳୟରେ (ନ୍ୟାସନାଲ ପିପୁଲ୍ସ ପାର୍ଟି) ସହ ମେଣ୍ଟ ଯୋଗୁ ମେଣ୍ଟ ନେତୃତ୍ୱାଧୀନରେ ଶାସିତ ରାଜ୍ୟ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ତାମିଲନାଡୁରେ ଡିଏମ୍‌କେ-କଂଗ୍ରେସ ମେଣ୍ଟକୁ ହଟାଇ ଦିଆଯାଇଥିବା ବେଳେ, କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) କେରଳରେ ସରକାର ଗଠନ କରିବାକୁ ଯାଉଛି ।କଂଗ୍ରେସ କେବଳ ତିନୋଟି ରାଜ୍ୟ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ହିମାଚଳ ପ୍ରଦେଶରେ ଏକକ ବହୁମତ ସରକାର ରଖିଛି । ଦଳ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଜେଏମଏମ ସହିତ ମେଣ୍ଟରେ ଅଛି । ପଞ୍ଜାବରେ ଭଗବନ୍ତ ମାନଙ୍କ ନେତୃତ୍ୱାଧୀନ ଆମ ଆଦମୀ ପାର୍ଟି (ଏଏପି) ଇଣ୍ଡିଆ ବ୍ଲକ୍‌ର ଅଂଶ ନୁହେଁ, କିନ୍ତୁ କେନ୍ଦ୍ରରେ ଏହା ବିଜେପିକୁ ବିରୋଧ କରୁଛି ।